### ଆଇପିସିର ୪୯୭ ଧାରା ନେଇ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ

# ପରକୀୟାରେ କେବଳ ପୁରୁଷ ଦୋଷୀ କାହିଁକି

**ନୂଆଦିଲ୍ଲୀ, ୧୧।୭/ଏଜେନ୍ସି:**



ପରକୀୟା ପ୍ରୀତିରେ କ'ଣ କେବଳ ପୁରୁଷର ଦୋଷ ? ସହମତିରେ ପରକୀୟା ସଂପର୍କ ଥିଲେ ମହିଳାର ଦୋଷ ଧରାଯିବନି କାହିଁକି ? ଏମିତି ଏକ ପ୍ରଶ୍ନ ଉପରେ ବିଚାର ଆରମ୍ଭ କରିଛନ୍ତି ଦେଶର ସର୍ବୋଚ୍ଚ ନ୍ୟାୟାଳୟ । ସମୀକ୍ଷା କରୁଛନ୍ତି ୧୫୭ ବର୍ଷ ଧରି ପ୍ରଚଳିତ ଥିବା ଭାରତୀୟ ପିଙ୍ଗଳ କୋଡ୍ ବା ଆଇପିସିର ଏହି ଲିଙ୍ଗଭେଦମୂଳକ ଦଣ୍ଡବିଧିକୁ । କିନ୍ତୁ କେନ୍ଦ୍ର ସରକାର ଏଥିରେ ସେଭଳି କିଛି ପରିବର୍ତ୍ତନ ନକରି ଯେମିତି ଅଛି ସେହିପରି ଚାଲିବାକୁ ମତ ଦେଉଛନ୍ତି ।

୨୦୧୭ ଡିସେମ୍ବର ମାସରେ ହଠାତ ସୁପ୍ରିମକୋର୍ଟଙ୍କ ଦୃଷ୍ଟିକୁ ଆସିଲା ଏକ ଆଇନଗତ ଲିଙ୍ଗବିଭେଦ । ଦେଶରେ ୧୫୭ ବର୍ଷ ଧରି ପ୍ରଚଳିତ ଅଛି ଏହି ବିଧି ବ୍ୟବସ୍ଥା । ଭାରତୀୟ ପିଙ୍ଗଳ କୋଡ୍‌ରେ ରହିଥିବା ଏହି ଅସଙ୍ଗତିର ସମୀକ୍ଷା କରିବାକୁ ଆବେଦନ କରିଥିଲେ କେରଳର ଯୋଶେଫ ଶାଇନ୍ ନାମକ ଜଣେ ବ୍ୟକ୍ତି । ସେ ଇଟାଲୀର ଟ୍ରେଣ୍ଟୋ କମ୍ପାନୀରେ କାମ କରନ୍ତି । ତାଙ୍କ ଆବେଦନକୁ ବିଚାର କରିବା ପାଇଁ ରାଜି ହୋଇଥିଲେ ସୁପ୍ରିମକୋର୍ଟ । ପ୍ରଧାନ ବିଚାରପତି ଦୀପକ ମିଶ୍ରଙ୍କ ଅଧକ୍ଷତାରେ ଗଠିତ ଏକ ଖଣ୍ଡପୀଠ ଏବେ ଏହି ମାମଲାର ବିଚାର କରୁଛନ୍ତି । ଖଣ୍ଡପୀଠର ଅନ୍ୟ ସଦସ୍ୟମାନେ ହେଲେ ବିଚାରପତି ଏଏମ୍ ଖାନୱିଲକର ଏବଂ ଡିୱାଇ ଚନ୍ଦ୍ରଚୂଡ଼ । ପରକୀୟ ପ୍ରୀତି ମାମଲାରେ କାହିଁକି କେବଳ ପୁରୁଷ ଦୋଷୀ ହେବେ ଏବଂ ଶାରୀରିକ ସଂପର୍କ ପାଇଁ ସହମତ ହୋଇଥିବା ମହିଳା କାହିଁକି ନୁହେଁ ବୋଲି କେନ୍ଦ୍ର ସରକାରଙ୍କୁ ପ୍ରଶ୍ନ କରିଥିଲେ ଖଣ୍ଡପୀଠ । ୪ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ ।

ଭାରତୀୟ ପିଙ୍ଗଳ କୋଡ୍‌ର ଏହି ପୁରୁଣା ବିଧି ବ୍ୟବସ୍ଥାର ସମୀକ୍ଷା କରିବା ପାଇଁ ସୁପ୍ରିମକୋର୍ଟ ରାଜି ହେବାର କାରଣ ହେଉଛି ଏହାର ସାମ୍ବିଧାନିକତା । ଭାରତୀୟ ସମ୍ବିଧାନ ଅନୁସାରେ ମହିଳା ଓ ପୁରୁଷ ଆଇନ ଆଖିରେ ସମାନ । ଏ କ୍ଷେତ୍ରରେ ଶାରୀରିକ ସଂପର୍କ ରଖିବାକୁ ସହମତ ହୋଇଥିବା ମହିଳା କିପରି ନିର୍ଦ୍ଦୋଷ ଏବଂ ସେହି ସମାନ କାର୍ଯ୍ୟ କରି ପୁରୁଷ କାହିଁକି ଦୋଷୀ ? ତା' ଛଡ଼ା ଆବେଦନକାରୀଙ୍କ ଓକିଲ କାଳୀଶ୍ୱରମ ରାଜ ଉଠାଇଥିବା ବଳିଷ୍ଠ ଯୁକ୍ତି ମଧ୍ୟ ଅନ୍ୟ ଏକ କାରଣ । ତାଙ୍କ ଯୁକ୍ତି ହେଲା ଯଦି ଅବିବାହିତ ପୁରୁଷ ଓ ଅବିବାହିତ ମହିଳାଙ୍କ ମଧ୍ୟରେ ସହମତିଭିତ୍ତିକ ଯୌନ ସଂପର୍କ ଥାଏ, ତେବେ ତାହା ୪୯୭ ଧାରା ଅନୁସାରେ ଅପରାଧ ନୁହେଁ । ସେହିପରି ଅବିବାହିତ ପୁରୁଷ ଓ ବିବାହିତା ମହିଳା କିମ୍ବା ବିବାହିତ ପୁରୁଷ ଓ ଅବିବାହିତ ମହିଳାଙ୍କ ମଧ୍ୟରେ ସହମତିଭିତ୍ତିକ ଶାରୀରିକ ସଂପର୍କ ରହିଲେ ବି ତାହା ଦୋଷାବହ ନୁହେଁ ବୋଲି ଏହି ଧାରା କହେ । ଆଇପିସିର ୪୯୭ ଧାରା ଅନୁସାରେ ଯେକୌଣସି ଲୋକ ଯଦି ଅନ୍ୟ କୌଣସି ଲୋକର ପତ୍ନୀଙ୍କ ସହିତ ସେହି ମହିଳାଙ୍କ ସ୍ୱାମୀଙ୍କ ସହମତି ବା ସଂପୃକ୍ତି ବିନା ଯୌନ ସଂପର୍କ ରଖନ୍ତି ତେବେ ତାହା ଧର୍ଷଣ ଅପରାଧ ହୋଇନଥିଲେ ମଧ୍ୟ ତାହା ଦୋଷାବହ ଓ ସେଥିପାଇଁ ସେହି ଲୋକଙ୍କୁ ସର୍ବାଧିକ ୫ ବର୍ଷ ଯାଏ କାରାବାସ ଓ ଜରିମାନା କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ କରାଯିବ । ଆଇନଜୀବୀ କାଳୀଶ୍ୱରମଙ୍କ ଯୁକ୍ତି ହେଲା ଏହି ଧାରାରେ ସ୍ୱାମୀଙ୍କ ସହମତିରେ ଯଦି ଜଣେ ମହିଳା ଅନ୍ୟ ଜଣେ ପୁରୁଷଙ୍କ ସହିତ ଯୌନ ସଂପର୍କ ରଖେ ତେବେ ତାହା ଅପରାଧ ନୁହେଁ ।

▶▶ ୭